# Akashvani, Sambalpur

## SAMBALPURI NEWS EVENING BULLETIN

**28 December 2025- 7.02 pm- 7.12 pm.**

**********************************************

୧- ଜାତୀୟ ସୁରକ୍ଷାନୁ ମୁଲ୍ କରିକରି ଖେଲ୍, ବିଜ୍ଞାନ୍ ଆଉ ପ୍ରୟୋଗ୍‌ଶାଲାତକ୍ ଭିନ୍ ଭିନ୍ କ୍ଷେତ୍ର ନ ଦେଶର୍ ଥିତି ବର୍‌କସ୍ ହେଇଛେ- ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ଥି କହେଲେ ପ୍ରଧାନ୍‌ମନ୍ତ୍ରୀ ।

- ସ୍ୱାଧୀନତା ସଂଗ୍ରାମ୍‌ଥି ଓଡ଼ିଶାର୍ ପାର୍ବତୀଗିରିଙ୍କର୍ ଅନନ୍ୟ ଯୋଗଦାନ୍‌କେ ପ୍ରଧାନ୍‌ମନ୍ତ୍ରୀ କଲେ ପ୍ରଶଂସା ।

୨- ବାମୁର୍‌ଠାନେ ରାଜ୍ୟସ୍ତରୀୟ ଚଷା ସମାବେଶ୍‌ଥି ଯୋଗ୍ ଦେଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

୩- ଭୁବ୍‌ନେଶ୍ୱର୍ ଠାନେ ବୁଥ୍‌ସ୍ତରୀୟ ଅଧିକାରୀମାନ୍‌କର୍ ସାଙ୍ଗେ ଆଏବା କାଏଲ୍ ଆଲୋଚନା କର୍‌ବେ ମୁଖ୍ୟ ନିର୍ବାଚନ୍ ଆୟୁକ୍ତ ।

ଆଉର୍

୪- ରାଜ୍ୟ ସର୍‌କାର୍‌ଙ୍କର୍ ଅନୁମୋଦନ୍ ଉତ୍‌ରୁ ପୁରୀ ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍ ନ ମୁଲ୍ ହେବା ଗନ୍‌ତିମନ୍‌ତି ।

ମନ୍ କି ବାତ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ଇ ବଛର୍ ଜାତୀୟ ସୁରକ୍ଷାନୁ ମୁଲ୍ କରିକରି ଖେଲ୍, ବିଜ୍ଞାନ୍ ଆଉ ପ୍ରୟୋଗ୍‌ଶାଲାତକ୍ ଭିନ୍ ଭିନ୍ କ୍ଷେତ୍ରଥି ଦେଶ୍ ବହୁତ୍ ସଫଲ୍ ସମିଆ ଦେଇଛେ । ଯେନ୍‌ଟାକେ ନେଇକରି ସବୁ ଭାରତୀୟ ଗର୍ବିତ୍ ଆନ୍ । ଦେଶ୍ ଭିନ୍ ଭିନ୍ କ୍ଷେତ୍ରଥି ନିଜର୍ ଥିତିକେ ବର୍‌କସ୍ କରିପାରିଛେ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ଥି ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କରିକରି କହିଛନ୍ । ପ୍ରଧାନ୍‌ମନ୍ତ୍ରୀ କହିଛନ୍, ଅପରେସନ୍ ସିନ୍ଦୁର୍ ଇ ବଛର୍ ସବୁ ଭାରତୀୟ ମାନ୍‌କର୍ ଲାଗି ଗର୍ବର୍ ପ୍ରତୀକ୍ ହେଇଛେ । ସୁରକ୍ଷା ସହେତେ ଭାରତ୍ ସାଲିସ୍ ନାଇଁ କରେ ବଲି ପୁର୍‌ଥିକେ ସ୍ପଷ୍ଟ ବାର୍ତା ଦେଇଛେ । ସେ କହିଛନ୍, ବନ୍ଦେ ମାତରମ୍‌ର ଶହେ ୫୦ ବଛର୍ ପୁର୍‌ତି ଲାଗି ସବୁ ଦେଶ୍‌ବାସୀ ସମାନ୍ ମନୋଭାବ୍ ଆଉ ଉସ୍‌ନାକି ଦେଖେଇଛନ୍ । <u>ହେସ୍‌ଟେଗ୍ ବନ୍ଦେ ମାତରମ୍ ୧୫୦</u> ପୋର୍ଟାଲ୍‌ଥି ବାର୍ତା ଆଉ ପରାମର୍ଶ ପଠାବାର୍‌କେ ପ୍ରଧାନ୍‌ମନ୍ତ୍ରୀ ଦେଶ୍‌ବାସୀଙ୍କୁ ଅନୁରୋଧ୍ କରିଛନ୍ । ଖେଲ୍ ଦୃଷ୍ଟିନୁ ଭିଲ୍ ଇ ବଛର୍ ବହୁତ୍‌ଟେ ଉପଲବ୍ଧି ଆନିଦେଇଥିଲା ବଲି ଶ୍ରୀ ମୋଦୀ କହିଛନ୍ । ଭାରତୀୟ ପୁରୁଷ କ୍ରିକେଟ୍ ଦଲ୍‌ର ଆଇସିସି ଚମ୍ପିଆନ୍ସ ଟ୍ରଫି ଟାଇଟେଲ୍ ଜିତ୍‌ବାର୍, ମହିଲା କ୍ରିକେଟ୍ ଦଲ୍ ପହେଲାଥର୍ ଲାଗି ବିଶ୍ୱକପ୍ ଜିତ୍‌ବାର୍ ଆଉ ମହିଲା ଦୃଷ୍ଟିବାଧିତ କ୍ରିକେଟ୍ ଦଲ୍ ଟି-ଟ୍ୱେଣ୍ଟି ଜିତ୍‌ବାର୍‌ଟା ଇତିହାସ୍ ହେଇଛେ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ- କ୍ରୀଡ଼ା)

ବିଶ୍ୱ ଚମ୍ପିଆନ୍‌ସିପ୍ ପ୍ରତିଯୋଗିତାଥି ପାରା ଏଥ୍‌ଲେଟ୍ ମାନ୍‌କର୍ ପଦକ୍ ଜିତ୍‌ବାର୍‌ଟାକେ ଭିଲ୍ ପ୍ରଧାନ୍‌ମନ୍ତ୍ରୀ ସୁର୍‌ତା କରିଛନ୍ । ବିଜ୍ଞାନ୍ ଆଉ ମହାକାଶ୍ କ୍ଷେତ୍ରଥି ଭିଲ୍ ଭାରତ୍ ଇ ବଛର୍ ନିଜର୍ ଉତ୍କର୍ଷତା ଦେଖେଇଛେ । ଗ୍ରୁପ୍ କେପ୍‌ଟେନ୍ ଶୁଭାଂଶୁ ଶୁକ୍ଲା ପହେଲା ଭାରତୀୟ ଭାବେ ଅନ୍ତର୍ଜାତୀୟ ମହାକାଶ୍ ଷ୍ଟେସନ୍ ନ ପୁହୁଁଚିଥିଲେ ।

ପରିବେଶ୍ ସୁରକ୍ଷା ଆଉ ବନ୍ୟପ୍ରାଣୀ ସୁରକ୍ଷା ବାବ୍‌ଦେ ପ୍ରଧାନ୍‌ମନ୍ତ୍ରୀ କହିଛନ୍, ଭାରତ୍ ନ ଚିତାବାଘ୍ ମାନ୍‌କର୍ ସଂଖ୍ୟା ୩୦ ନୁ ଅଏତ୍‌କା ହେଇଛେ । ପ୍ରୟାଗ୍‌ରାଜ୍‌ର ମହାକୁମ୍ଭ ମେଳାକେ ସୁର୍‌ତା କରିକରି ପ୍ରଧାନ୍‌ମନ୍ତ୍ରୀ କହିଛନ୍, ବିଶ୍ୱାସ୍, ସଂସ୍କୃତି ଆଉ ଭାରତ୍‌ର ଅନନ୍ୟ ଐତିହ୍ୟର୍ ଗୁଟେ ସମନ୍ୱୟ ଇ ବଛର୍ ଦେଖ୍‌ବାର୍‌କେ ମିଲିଥିଲା । ବଛ୍‌ରର୍ ଶେଷ୍ ଭାଗେ ଭିଲ୍ ଅଯୋଧ୍ୟା ରାମ୍‌ମନ୍ଦିର୍ ନ ଧ୍ୱଜା ରୋହଣ୍ ସମାରୋହ ସବୁ ଭାରତୀୟମାନ୍‌କୁ ଗର୍ବିତ୍ କରିଥିଲା । ସ୍ୱଦେଶୀ ଦରବ୍ ଲାଗି ଲୁକ୍‌କର୍ ଉତ୍ସାହ ବଢୁଥିବାର୍‌ଟାକେ ନେଇକରି ଶ୍ରୀ ମୋଦୀ ସନ୍ତୋଷ୍ ପ୍ରକାଶ୍ କରିଛନ୍ । ବିକଶିତ୍ ଭାରତ୍ ସପନ୍ ପୁରା କର୍‌ବାର୍ ଦିଗେ ଇଟା ଗୁଟେ ବର୍‌କସ୍ ଜରିଆ ହେବା ବଲି ପ୍ରଧାନ୍‌ମନ୍ତ୍ରୀ ଆଶ୍ କରିଛନ୍ । ଫି' କ୍ଷେତ୍ର ନ ଭାରତ୍ ନ ଯୁଆନ୍ ପିଢ଼ିଙ୍କର୍ ଯୋଗଦାନ୍ ବିଶ୍ୱସ୍ତର୍ ନ ଭାରତ୍ ଉପ୍‌ରେ ଆଶା ଆଉ ବିଶ୍ୱାସ୍‌କେ ବଢ଼େଇପାରିଛେ । ବିଜ୍ଞାନ୍, ଉଦ୍ଭାବନ୍ ଆଉ

ପ୍ରଯୁକ୍ତିବିଦ୍ୟା ପ୍ରସାର୍ କ୍ଷେତ୍ରଥି ଭାରତ୍‌ର ସଫଲତା ପୁର୍‌ଥିର୍ ଅଲ୍‌ଗା ରାଷ୍ଟ୍ରମାନ୍‌କୁ ପ୍ରଭାବିତ୍ କରୁଛେ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

ବିକଶିତ୍ ଭାରତ୍ ଯୁବ ନେତୃତ୍ୱର୍ ଆଲୋଚନାର୍ ୨ ନମ୍ବର୍ ସଂସ୍କରଣ୍‌ର ଆୟୋଜନ୍ ବାବ୍‌ଦେ ପ୍ରଧାନ୍‌ମନ୍ତ୍ରୀ କହିଛନ୍, ଆଏବା ମାସ ୧୨ ତାରିଖ୍ ସ୍ୱାମୀ ବିବେକାନନ୍ଦଙ୍କର୍ ଜନମ୍‌ବାର୍ଷିକୀ ଜାତୀୟ ଯୁବ ଦିବସ୍ ପାଲନ୍ ଅବ୍‌ସରେ ଇତାର୍ ଆୟୋଜନ୍ କରାଯିବା । ଗଲା କିଛି ଦିନ୍ ତଲେ ଶେଷ୍ ହେଇଥିବା ସ୍ମାର୍ଟ ଇଣ୍ଡିଆ ହାକାଥନ୍-୨୦୨୫ ବିଷେଥି ପ୍ରଧାନ୍‌ମନ୍ତ୍ରୀ କହିଛନ୍, ୮୦ ନୁ ଅଏତ୍‌କା ସର୍‌କାରୀ ବିଭାଗ୍‌ର ୨ ଶହ ୭୦ ନୁ ଅଏତ୍‌କା ସମସ୍ୟାର୍ ସମାଧାନ୍ ଦିଗେ କାର୍ଯ୍ୟକ୍ରମ୍ ମାନ୍ କରାଯାଇଥିଲା । ଗଲା ୮ ବଛର୍ ଭିତ୍‌ରେ ୧୩ ଲାଖ୍ ନୁ ଅଏତ୍‌କା ଛାତ୍ରଛାତ୍ରୀ ଆଉ ୬ ହଜାର୍‌ନୁ ଅଏତ୍‌କା ଶିକ୍ଷାନୁଷ୍ଠାନ୍ ସ୍ମାର୍ଟ ଇଣ୍ଡିଆ ହାକାଥନ୍‌ଥି ଭାଗ୍ ନେଇଛନ୍ ।

ଦେଶର୍ ଆଏବା ପିଢ଼ି ଭାରତୀୟ ସଂସ୍କୃତିର୍ ମୁଲ୍ ଆଧାର୍ ଭିତିଥି ନୂଆଁ ଚିନ୍ତାଧାରା ଆଉ ପଦ୍ଧତିର୍ ସହେତେ ଆଗ୍‌କେ ବଢୁଥିବାର୍‌ନୁ ପ୍ରଧାନ୍‌ମନ୍ତ୍ରୀ ଖୁସି ଜାହିର୍ କରିଛନ୍ ।

ଦେଶ୍ ଆଏବା ମାସେ ୭୭ ତମ ଗଣତନ୍ତ୍ର ଦିବସ୍ ପାଲନ୍ କର୍‌ବା । ଇ ଅବ୍‌ସରେ ସ୍ୱାଧୀନତା ସଂଗ୍ରାମୀ ଆଉ ସମ୍ବିଧାନ୍ ନିର୍ମାତା ମାନ୍‌କର୍ ଲାଗି ସାରା ଦେଶ୍ କୃତଜ୍ଞତା ଜନାବା ।

ଦେଶର୍ ଫି’ ଇଲାକାର୍ ଲୋକ୍ ସ୍ୱାଧୀନତା ସଂଗ୍ରାମ୍‌ଥି ଯୋଗ୍ ଦେଇଥିଲେ । ଇଥି ଆମର୍ ରାଜ୍ୟର୍ ପାର୍ବତୀ ଗିରିଙ୍କର୍ ଭୂମିକାକେ ପ୍ରଧାନ୍‌ମନ୍ତ୍ରୀ ପ୍ରଶଂସା କରିଛନ୍ ।

ଶ୍ରୀ ମୋଦୀ କହିଛନ୍, ୧୬ ବଛର୍ ବୟେସେ ଭାରତ୍ ଛାଡ଼୍ ଆନ୍ଦୋଲନ୍‌ଥି ପାର୍ବତୀଗିରି ଯୋଗ୍ ଦେଇଥିଲେ । ତାର୍ ଉତ୍‌ରୁ ସମାଜ୍‌ସେବା ଆଉ ଆଦିବାସୀମାନ୍‌କର୍ କଲ୍ୟାଣ୍ ଲାଗି ସେ ନିଜର୍ ଜୀବନ୍‌କେ ଉତ୍ସର୍ଗୀକୃତ କରିଥିଲେ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ତାଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇକରି ପ୍ରଧାନ୍‌ମନ୍ତ୍ରୀ କହିଛନ୍,

(ଭଏସ୍ ଓଭର୍- ପିଏମ୍- ପାର୍ବତୀଗିରି)

ଜାନୁଆରୀ ୨୦୨୬ ଥି ପାର୍ବତୀଗିରିଙ୍କର୍ ଜନ୍ମ ଶତବାର୍ଷିକୀ ପାଲନ୍ କରାଯିବା । ତାଙ୍କର୍ ପ୍ରେରଣାଦାୟକ୍ ଜୀବନ୍ ସବୁପିଢ଼ିକେ ମାର୍ଗଦର୍ଶନ୍ ଦେବା ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ସୁସ୍ଥ ଜୀବନ୍ ଶୈଲୀ ଅପ୍‌ନାବାର୍ ଆଉ ଫିଟ୍ ଇଣ୍ଡିଆ ଅଭିଯାନ୍‌ଥି ସାମିଲ୍ ହେବାର୍‌କେ ପ୍ରଧାନ୍‌ମନ୍ତ୍ରୀ ଦେଶ୍‌ବାସୀଙ୍କୁ ଆହ୍ୱାନ୍ ଦେଇଛନ୍ ।

୨୦୨୫ ମସିହାର୍ ସଫଲତା ମାନ୍‌କୁ ଭାରତ୍‌ର ଶକ୍ତିର୍ ପ୍ରମାଣ୍ ଆଉ ୨୦୨୬ ମସିହା ନୂଆଁ ଲକ୍ଷ୍ୟ, ସଂକଳ୍ପ ଆଉ ଆତ୍ମବିଶ୍ୱାସ୍‌ର ସହେତେ ଆଗ୍‌କେ ବଢ଼୍‌ବାର୍ ବଛର୍ ହେବା ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଏକ୍ସ

ବିକଶିତ୍ ଓଡ଼ିଶା -ବିକଶିତ୍ ଭାରତ୍ ସପନ୍ ପୁରା କର୍‌ବାର୍‌କେ ହେଲେ ଚାଷ୍‌କେ ଖାଲି ପାରମ୍ପାରିକ୍ ପଦ୍ଧତିଥି ସିମିତ୍ ନାଇଁ ରଖିକରି ଇତାକେ ରୋଜ୍‌ଗାର୍‌ର ମୁଖିଆ ଆଧାର୍ କର୍‌ବାର୍‌କେ ପଡ଼୍‌ବା ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ଅନୁଗୁଲ୍ ଜିଲ୍ଲା ବାମୁର୍ ଠାନେ ହେଇଥିବା ରାଜ୍ୟସ୍ତରୀୟ ଚଷା ମହାସମାବେଶ୍‌ଥି ଯୋଗ୍ ଦେଇକରି ଓଡ଼ିଶାର୍ ଚାଷ୍ ସହେତେ ଜଡ଼ିତ୍ ଥିବା ସବୁ ବ୍ୟକ୍ତିମାନ୍‌କୁ ଗୁଟେ ବଡ଼ ମଚାନ୍‌ଥି ପ୍ରତିଷ୍ଠିତ୍ କର୍‌ବାର୍ ସହେତେ ସାମ୍ବିଧାନିକ୍ ଅଧିକାର୍ ଆଉ ସାମାଜିକ୍ ଦାୟିତ୍ୱ ଭିତ୍‌ରେ ତାଲ୍‌ମେଲ୍ ରଖିବାର୍ ଆମର୍ ଲକ୍ଷ୍ୟ ଆଏ ବଲି ଶ୍ରୀ ପ୍ରଧାନ୍ କହିଛନ୍ । ଓଡ଼ିଶାର୍ ଚଷା ଜାତି କେନ୍ଦ୍ର ଓବିସି ତାଲିକାଥି ସାମିଲ୍ ଥିବାର୍ ବେଲେ ଚଷା ସମାଜ୍‌ର ଅଲ୍ପା ଜାତି, ଉପଜାତି ଆଉ ବର୍ଗଙ୍କର୍ ସହେତେ ରାଜ୍ୟ ସର୍‌କାର୍‌ଙ୍କର୍ ଏସ୍‌ଇବିସି ତାଲିକାଥି ସ୍ୱିକୃତି ପାଇଥିବା ଶହେ ୮ ଟା ସମ୍ପ୍ରଦାୟକେ କେନ୍ଦ୍ରୀୟ ଓବିସି ତାଲିକାଥି ସାମିଲ୍ କର୍‌ବାର୍ ଲାଗି କେନ୍ଦ୍ର ସାମାଜିକ୍ ନ୍ୟାୟ ଆଉ ସଶକ୍ତିକରଣ୍ ମନ୍ତ୍ରୀଙ୍କୁ ଚିଠି ଜରିଏ ଅନୁରୋଧ୍ କର୍‌ବାର୍ କଥା ଇ ଅବ୍‌ସରେ ମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ।

ସିଇସି-ବିଏଲ୍‌ଓ ଆଲୋଚନା        ଆର୍‌ଏନ୍‌ୟୁ/ କଟକ୍

ଭାରତ୍‌ର ମୁଖ୍ୟ ନିର୍ବାଚନ୍ ଆୟୁକ୍ତ ଜ୍ଞାନେଶ୍ କୁମାର୍ ଆଏବାକାଏଲ୍ ଭୁବ୍‌ନେଶ୍ୱର୍ ନ ବୁଥ୍‌ସ୍ତରୀୟ ଅଧିକାରୀମାନ୍‌କର୍ ସାଙ୍ଗେ ନିର୍ବାଚନ୍ ବାବଦ୍ ଭିନ୍ ଭିନ୍ ସମସ୍ୟାର୍ ଆଲୋଚନା କର୍‌ବେ । ଖୋର୍ଦ୍ଧା ଆଉ କଟକ୍ ଜିଲ୍ଲାର୍ ପାଖାପାଖି ୮ ଶହ ବୁଥ୍‌ସ୍ତରୀୟ ଅଧିକାରୀ ଇ ଆଲୋଚନାଥି ଭାଗ୍ ନେବେ । ଶ୍ରୀ କୁମାର୍ ରାଜ୍ୟର୍ ମୁଖ୍ୟ ନିର୍ବାଚନ୍ ଅଧିକାରୀ, ନିର୍ବାଚନ୍ କାମ୍‌ଥି ସାମିଲ୍ କର୍ମଚାରୀମାନ୍‌କର୍ ସହେତେ ତୃଣମୂଲ୍‌ସ୍ତର୍ ନ ନିର୍ଭୁଲ୍ ଭୋଟର୍ ତାଲିକା ସଂଶୋଧନ୍ ବାବ୍‌ଦେ ଆଲୋଚନା କର୍‌ବେ । ୩ ନମ୍ବର୍ ଖେପ୍ ସ୍ୱତନ୍ତ୍ର ଭୋଟର୍ ତାଲିକା ସଂଶୋଧନ୍ ଆଘୋନୁ ରାଜ୍ୟକେ ମୁଖ୍ୟ ନିର୍ବାଚନ୍ ଆୟୁକ୍ତଙ୍କର୍ ଗସ୍ତ ବହୁତ୍ ଗୁରୁତ୍ୱପୂର୍ଣ୍ଣ ଆଏ ।

ପୁରୀ ଶ୍ରୀମନ୍ଦିର୍-ଗନ୍‌ତିମନ୍‌ତି ପୁରୀ ସମ୍ବାଦଦାତା

ରାଜ୍ୟ ସର୍‌କାର୍‌ଙ୍କର୍ ଅନୁମତି ଉତ୍‌ରୁ ପୁରୀ ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍‌ର ଗନ୍‌ତିମନ୍‌ତି କରାଯିବା ବଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ଇ ବାବଦ୍ ଉଚ୍ଚସ୍ତରୀୟ କମିଟିର୍ ବୈଠକ୍‌ର ନିଷ୍ପତି ଅନ୍‌ସାରେ ମାହାପୁରୁମାନ୍‌କର୍ ନୀତିକାନ୍ତିଥି ବାଧା ନାଇଁ ହେଇକରି ୩ ଟା ଖେପେ ଇଟା କରାଯିବା ।

ପହେଲା ଖେପେ ଚଲନ୍ତି ରତ୍ନଭଣ୍ଡାର୍ ଗନ୍‌ତିମନ୍‌ତି, ତାର୍ ଉତ୍‌ରର୍ ଖେପେ ବାହାର୍ ରତ୍ନଭଣ୍ଡାର୍ ଆଉ ଶେଷ୍ ଖେପେ

ଭିତର୍ ରତ୍ନଭଣ୍ଡାର୍‌ଥି ଥିବା ଅଲଙ୍କାର୍ ମାନ୍‌କର୍ ଗନ୍‌ତିମନ୍‌ତି କରାଯିବା । ଭିତର ରତ୍ନଭଣ୍ଡାର୍‌ର ଗନ୍‌ତିମନ୍‌ତି ବେଲ୍‌କେ ପରିଚାଳନା କମିଟିର୍ ସେବକ୍ ପ୍ରତିନିଧି, ଝନେ ବଣିଆ ସେବକ ଆଉ ଆର୍‌ବିଆଇର ଝନେ ପ୍ରତିନିଧି ଉପସ୍ଥିତ୍ ରହେବେ । ଭିତର୍ ରତ୍ନଭଣ୍ଡାର୍‌ର ଗନ୍‌ତିମନ୍‌ତି ଉତ୍‌ରୁ ରତ୍ନଭଣ୍ଡାର୍ ଚାବି ଜିଲ୍ଲା ଟ୍ରେଜେରୀ ନ ରଖାଯିବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ମିଲିଛେ । ଇତାକେ ନେଇକରି ମାର୍ଗଦର୍ଶିକା ତିଆର୍ କରାଯାଇଛେ । ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍ ନ ଥିବା ସୁନାର୍ ଅଲଙ୍କାର୍‌ର ମେଳକ କରାଯିବାର୍ ସହେତେ ଗନ୍‌ତି ମନ୍‌ତି କରାଯିବା ।

ଧନୁଯାତ୍ରା ବର୍‌ଗଡ୍ ସମ୍ବାଦଦାତା

ବର୍‌ଗଡ୍‌ର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରାର୍ ୫ ନମ୍ବର୍ ଦିନେ ଆଏଜ୍ ଜରାସନ୍ଧ ସାଙ୍ଗେ ଯୁଦ୍ଧ, ହେତୀପ୍ରହେତୀଙ୍କର୍ ବିହାଘର୍, ରାକ୍ଷସ୍ ରାକ୍ଷସୀମାନ୍‌କର୍ ନିଧନ୍ ଖବର୍, କାଳିଆଦଳନ୍, ବିଶ୍ୱରୂପ ଦର୍ଶନ୍ ବାଗିର୍ କାର୍ଯ୍ୟକ୍ରମ୍ ଅଭିନୟ କରାଯିବା । ଇ ବଛର୍ ଲୁଭ୍‌ଲୁଭ୍‌ନିଆ ସାଜସଜ୍ଜା ଦର୍ଶକ୍‌ମାନ୍‌କୁ ବିଭୋର୍ କରିଛେ ବଲି ବର୍‌ଗଡ୍ ଧନୁଯାତ୍ରାର୍ ସହଆୟୋଜକ କହିଛନ୍ ।
(ଭଏସ୍ ଓଭର୍- ସହଆୟୋଜକ )

କ୍ରୀଡ଼ାମନ୍ତ୍ରୀ-ବର୍‌ଗଡ୍‌ ବର୍‌ଗଡ୍‌ ସମ୍ବାଦଦାତା

ରାଜ୍ୟର୍ କ୍ରୀଡ଼ା ଭିତିଭୂମିକେ ବର୍‌କସ୍ କର୍‌ବାର୍ ଲାଗି ଆଏଜ୍ ଉଚ୍ଚଶିକ୍ଷା ଆଉ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ବର୍‌ଗଡ୍ ଜିଲ୍ଲା ନ ୫୦ ମିଟର୍ ଲମ୍ବା ଇନ୍‌ଡୋର୍ ସନ୍ତରଣାଗାରର୍ ଭିତିପ୍ରସ୍ତର୍ ଥାପ୍‌ନା ସହେତେ ଜିଲ୍ଲାସ୍ତରୀୟ ସ୍ପୋର୍ଟସ୍ କମ୍ପ୍ଲେକ୍ସର ଭୂମିପୂଜନ୍ କରିଛନ୍ । ଇ ଦୁହି ପ୍ରକଳ୍ପ ଲାଗି ପାଖାପାଖି ୮୦ କୋଟି ଟଙ୍କା ଖର୍ଚ୍ଚା କରାଯିବା । କାର୍ଯ୍ୟକ୍ରମ୍‌ଥି ବର୍‌ଗଡ୍ ବିଧାୟକ୍ ଅଶ୍ୱିନୀ ଷଡ଼ଙ୍ଗୀ, ଅତାବିରା ବିଧାୟକ୍ ନିହାର୍ ମହାନନ୍ଦ ଆର୍ ବିଜେପୁର୍ ବିଧାୟକ୍ ସନତ୍ ଗଡ୍‌ତିଆ ପ୍ରମୁଖ ଉପସ୍ଥିତ୍ ଥିଲେ ।